# ସଂସ୍କୃତି ବିହାର, କଟକ : କରୁଅଛି ଜନମନ ଅଟକ

• ବିଶ୍ୱେଶ୍ୱର ମହାନ୍ତି

ଗଣକବି ବୈଷ୍ଣବ ପାଣିଙ୍କର ଜନ୍ମ ହୋଇଥିଲା ୧୮୮୨ ମସିହା ପବିତ୍ର କୁମାର ପୂର୍ଣ୍ଣମୀ ତିଥିରେ କଟକ ଜିଲ୍ଲା ମାହାଙ୍ଗା ଥାନାସ୍ଥ ସ୍ୱରୂପା ବିରୂପା ନଦୀର ତଟସ୍ଥ କୋଠପଦା ଗ୍ରାମରେ । ତାଙ୍କର ଦେହାନ୍ତ ହୁଏ ୧୯୫୬ ମସିହା ବୈଶାଖ ଅମାବାସ୍ୟାରେ । ତାଙ୍କ ମୃତ୍ୟୁର ଠିକ୍ ଆଠ ବର୍ଷ ପରେ ତାଙ୍କ ଜନ୍ମପୀଠ, ମାହାଙ୍ଗାରେ ଜନ୍ମ ନିଏ "ଗଣକବି ସ୍ମୃତି ସଂସଦ, ମାହାଙ୍ଗା" ୧୯୬୪ ମସିହା କୁମାର ପୂର୍ଣ୍ଣମା ତିଥିରେ । ଚୌଧୁରୀ ରମାନାଥ ମିଶ୍ର, ଫକୀର ଚରଣ ମହାନ୍ତି, ଶରତ କୁମାର କର, ଶୈଳେନ୍ କର, ଯୋଗୀ ମିଶ୍ର, ଚୌଧୁରୀ ଧୀରେନ୍ଦ୍ର ନାଥ ମିଶ୍ର, ବଳରାମ ସାହୁ ପ୍ରମୁଖ ମାହାଙ୍ଗା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିଗଣ ଏହି ସଂସଦ ଜରିଆରେ ବୈଷ୍ଣବ ପାଣିଙ୍କ ସାହିତ୍ୟ ଆଲୋଚନା କରାଇ ଗୀତିନାଟ୍ୟମାନ ପରିବେଷଣ କରି କ୍ରମେ ହଜି ଯାଉଥିବା ବୈଷ୍ଣବ ପାଣିଙ୍କ କୃତିର ସ୍ମୃତି ଚାରଣରେ ମଗ୍ନ ହେଲେ । ଆଜି ଅବଧି ଏହି ସଂସଦ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ପରିବେଷଣ କରାଇ ଆସୁଅଛି । ଚଳିତ ବର୍ଷ କୁମାର ପୂର୍ଣ୍ଣମା କବିଙ୍କ ଜୟନ୍ତୀ ଉତ୍ସବରେ ଗଣକବି ସ୍ମୃତି ସଂସଦ ତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଅନୁଷ୍ଠାନର ସଭାପତି ଶରତ କୁମାର କରଙ୍କ ଅଧ୍ୟକ୍ଷତାରେ ପାଳନ କରି ବୈଷ୍ଣବ ପାଣିଙ୍କୁ କାଳଜୟୀ ସ୍ରଷ୍ଟା ବୋଲି ଅଭିହିତ କରିଛନ୍ତି ।

ଏତ ଗଲା ୧୯୬୪ ମସିହାରେ ଜନ୍ମମାଟିରେ ଆରମ୍ଭ ହୋଇଥିବା ବୈଷ୍ଣବ ପାଣିଙ୍କ ପାଇଁ ଜୟନ୍ତୀ କାର୍ଯ୍ୟକ୍ରମ । ଅପର ପକ୍ଷରେ ୧୯୬୬ ମସିହାଠାରୁ ଏ ଯାବତ୍ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ କଟକର "ସଂସ୍କୃତି ବିହାର" ନିରବଚ୍ଛିନ୍ନ ଭାବରେ କଟକର ଐତିହାସିକ ବାଲିଯାତ୍ରା ଉତ୍ସବରେ ପରିବେଷଣ କରି ପ୍ରଶଂସିତ ହୋଇ ଆସୁଛନ୍ତି । ୧୯୬୬ ମସିହାରେ ସଂସ୍କୃତିବିହାର ଦ୍ୱାରା ପରିବେଷିତ ଗୀତିନାଟ୍ୟ ମୁଁ ଦେଖିଚି, ସତେକି ସେଦିନ କୁରୁ ପାଣ୍ଡବ ସମରରେ ଧରା ଥରଥର ହେଉଥିଲା । କଳାକାରମାନଙ୍କ ଅଭିନୟ ଖୁବ୍ ମନଛୁଆଁ ଥିଲା । ଗୀତ ଯେମିତି ଅଭିନୟ ସେମିତି । ଅଭିନୟରେ କୌଣସି କଳାକରକୁ ବାରି ହେବନି । "ବିରାଟପ୍ରେକ୍ଷା" ନାମରେ.ଏକ ମୁକ୍ତ ରଙ୍ଗମଞ୍ଚର ପରିକଳ୍ପନା କରିଥିଲେ ଓଡ଼ିଶାର ପ୍ରଖ୍ୟାତ ମଞ୍ଚ ବିଶେଷଜ୍ଞ ଦିବଂଗତ ଧିରେନ୍ ଦାଶ । ଗୀତିନାଟ୍ୟର ସେଦିନର ଦୃଶ୍ୟ ଏବେବି ଆଖି ଆଗରେ ଭାସିଯାଉଛି । ୧୯୬୬ ମସିହାରୁ ସେହି କଟକ ଗଡ଼ଖାଇର ବିରାଟପ୍ରେକ୍ଷାରେ ସେମାନେ ବୈଷ୍ଣବ ପାଣିଙ୍କ ବିରଚିତ ଭିନ୍ନ ଭିନ୍ନ ସ୍ୱାଦର ଗୀତିନାଟ୍ୟ, କର୍ଣ୍ଣବଧ, ଗୋଧନ ହରଣ, ଭୀଷ୍ମ ଶରଶଯ୍ୟା, ଶାମ୍ବବିଭା, ମେରୁଶୂଳ ବଧ, ଦ୍ରୋଣାଚାର୍ଯ୍ୟ ବଧ, ଅଭିମନ୍ୟୁ ବଧ ପ୍ରଭୃତି ମଞ୍ଚସ୍ଥ କରିଥଲେ । ବିରାଟପ୍ରେକ୍ଷାରେ କୌରବମଞ୍ଚ, ପାଣ୍ଡବମଞ୍ଚ, ଯୁଦ୍ଧକ୍ଷେତ୍ର, ବେଶଗୃହ, ଯନ୍ତ୍ରସଙ୍ଗୀତ ମଞ୍ଚ ପ୍ରଭୃତିର ସୁସମାବେଶ କରାଯାଉଥିଲା । ଜୀବନ୍ତ ହାତୀ ଏବଂ ଘୋଡ଼ା ସହିତ ସୁଦୃଶ୍ୟ ରଥ ମଧ୍ୟ ଉକ୍ତ ଗୀତିନାଟ୍ୟ ଦୃଶ୍ୟପଟରେ ବ୍ୟବହୃତ ହେଉଥିଲେ । ନାଟକର ଶେଷ ଭାଗରେ ଯୁଦ୍ଧଭୂମିରେ ଏକକାଳୀନ ଶତାଧିକ ଅଗ୍ନିହୁଳା ଜଳାଯାଇ ଏକ ଅଭୂତ ପୂର୍ବ ଦୃଶ୍ୟ ପ୍ରଦର୍ଶିତ ହେଉଥିଲା । କୌରବ ପାଣ୍ଡବଙ୍କ ଯୁଦ୍ଧ ଦୃଶ୍ୟରେ ହାବେଳୀ ବାଣ ପ୍ରୟୋଗ କରାଯାଇ ଶର ଯୁଦ୍ଧର ଏକ ମଞ୍ଚମାୟା ସୃଷ୍ଟି କରାଯାଉଥିଲା । ଦେଖିଲା ଲୋକର ଆଖି ଲାଖି ରହିଯାଉଥିଲା । କଳାକାରମାନଙ୍କର ଜୀବନ୍ତ ଅଭିନୟ ସାଙ୍ଗକୁ ବୈଷ୍ଣବ ପାଣିଙ୍କ କାଳଜୟୀ ପାତ୍ର ମୁଖୀ ସଂଳାପ ଓ ସଂଗୀତ ଏକ ଅପୂର୍ବ ଭାବଜଗତକୁ ନେଇ ଯାଉଥିଲା ଦର୍ଶକ ସମାଜକୁ । ବାଲିଯାତ୍ରା ଦେଖିବାକୁ ଆସୁଥିବା ହଜାର ହଜାର ନରନାରୀ, ଯୁବକଯୁବତୀ ପିଲାଛୁଆ ତାଟକା ହୋଇ ସଂସ୍କୃତି ବିହାରର ବୈଷ୍ଣବ ପାଣି ଯାତ୍ରାର ଅଭିନବ ଅନନ୍ୟ ଶୈଳୀକୁ ଉପଭୋଗ କରି ବିସ୍ମିତ ହୋଇଯାଉଥିଲେ । ରସସାଗରରେ ଓ ଅଭିନୟ ଚାତୁର୍ଯ୍ୟରେ ସଂସ୍କୃତି ବିହାର, କଟକର କଳାକାରମାନେ ଦର୍ଶକ ସମାଜକୁ ବାନ୍ଧି ରଖୁଥିଲେ । ଏହା ହିଁ ଏହି ସାଂସ୍କୃତିକ ଅନୁଷ୍ଠାନର ଅନନ୍ୟତା ଓ କଳାନୈପୁଣ୍ୟତାର ନିଦର୍ଶନ । ମୋ ହୃଦୟରେ ଏଇ ଅଭିନୟର ଦୃଶ୍ୟରାଜି ଏବେ ବି ଜୀବନ୍ତ ହୋଇ ରହିଛି ।

ସରକାରଙ୍କ ତରଫରୁ ଗଡ଼ଖାଇର ଏହି ସ୍ଥାନରେ ଏକ ଉଦ୍ୟାନ ନିର୍ମାଣ କରାଯିବା ଫଳରେ ଏବେ ଏହି ଯାତ୍ରା ଗଡ଼ଗଡ଼େଶ୍ୱର ମହାଦେବଙ୍କ ବିଜେସ୍ଥଳୀ ଆରପଟ ମହାନଦୀ ପଠାରେ ଅନୁଷ୍ଠିତ ହେଉଅଛି । ଏହି ଅନୁଷ୍ଠାନ ମଧ୍ୟ ପ୍ରତିବର୍ଷ ପରି ବାଲିଯାତ୍ରା ଅବସରରେ

ଗଣକବି ବୈଷ୍ଣବ ପାଣିଙ୍କ ବିରଚିତ ଗୀତିନାଟ୍ୟ ପରିବେଷଣ କରି ଆସୁଛନ୍ତି । ସଂସ୍କୃତି ବିହାର କଟକ ଦ୍ୱାରା ପରିବେଷିତ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ଯୋଗୁଁ ହେଉ ବା କଟକବାସୀଙ୍କ ଗଳାର ମାଳି ହୃଦୟ ସଙ୍ଖାଳୀ ପାଇଁ ହେଉ କର୍ତ୍ତୃପକ୍ଷ ବାଲିଯାତ୍ରା ପଡ଼ିଆରେ "ଗଣକବି ବୈଷ୍ଣବ ପାଣି ମଞ୍ଚ" ବୈଷ୍ଣବ ପାଣିଙ୍କ ସ୍ମୃତିରେ ନିର୍ମାଣ କରିଛନ୍ତି । ବାଲିଯାତ୍ରାର ସମସ୍ତ ସାଂସ୍କୃତିକ କାର୍ଯକ୍ରମମାନ ଏହି 'ବୈଷ୍ଣବ ପାଣି' ମଞ୍ଚରେ ପରିପ୍ରିବେଷିତ ହୋଇ ଆସୁଛି । ଏହା ଗଣକବିଙ୍କ ପ୍ରତି ଯଥାର୍ଥ ସମ୍ମାନ ଓ ପୂଜ୍ୟପୂଜାର ମଞ୍ଜୁଳ ଅଭିବ୍ୟକ୍ତି ନିଶ୍ଚୟ ।

ସଂସ୍କୃତିବାହାର,କଟକର ସାଂସ୍କୃତିକ କାର୍ଯ୍ୟକ୍ରମ ବୈଷ୍ଣବ ପାଣିଙ୍କ ବିରଚିତ ଗୀତିନାଟ୍ୟ ପରିବେଷଣ ବୈଷ୍ଣବ ପାଣିଙ୍କୁ ହିଁ ସମର୍ପିତ । ପାଣିକବିଙ୍କ ସଂଗୀତର ମନ୍ମୟତା ଓ ତଲ୍ଲୀନତାକୁ ଦର୍ଶକ ସମାଜରେ ଚିରଂଜୀବୀ କରାଇ ରଖିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ । ଅନୁଷ୍ଠାନର ଧରା ଓ ଧାରା, ନୃତ୍ୟ, ସଂଗୀତ, ଅଭିନୟର ବର୍ଣ୍ଣାଳୀରେ ବର୍ଣ୍ଣମୟ ଓ ବିବିଧବର୍ଣ୍ଣା । ପ୍ରାଚୀନ ରାଗରାଗିଣୀର ସୁରକ୍ଷା ସହ ପରମ୍ପରା ପ୍ରତି ପୁରୋଦୃଷ୍ଟି ଏହାର ପ୍ରମୁଖ କାର୍ଯ୍ୟକ୍ରମ ବୋଲି ବିବେଚିତ ।ଏଇଥିପାଇଁ ଏହି ଅନୁଷ୍ଠାନର କାର୍ଯ୍ୟକ୍ରମ ସର୍ବଜନାଦୃତ ହୋଇପାରିଛି ଓ ଗୀତିନାଟ୍ୟ ପରିବେଷଣରେ ଦିଗବାରେଣୀ ମଧ ହୋଇଯାଇଛି ।

କେବଳ ଆମ ରାଜ୍ୟ ଭିତରେ ନୁହେଁ; ରାଜ୍ୟ ବାହାରେ ଏହି 'ସଂସ୍କୃତିବିହାର' ବିହାର କରି ସଫଳତାର ଜୟମାଲ୍ୟ ଲାଭ କରିପାରିଛି । ବିଜୟଶ୍ରୀମଣ୍ଡିତ ହୋଇଛି ମଧ । ପ୍ରଗତି ମଇଦାନ୍ ନୂଆଦିଲ୍ଲୀ, ହାଇଦ୍ରାବାଦ (୧୯୯୭), ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ପଣ୍ଡିଚେରୀ, ଡେରାଡୁନ, ବାଙ୍ଗାଲୋର, ନାଗପୁର, ନଓଗାଁ (ଆସାମ), ଦୁର୍ଗାପୁର, ଖଡ଼ଗପୁର, ଟାଟାନଗର, ବୋକାରୋ ଷ୍ଟିଲସିଟି ଓ ସୁଦୂର ସୁରଟ (ଗୁଜୁରାଟ)ରେ 'ସଂସ୍କୃତି ବିହାର'ର କଳାକାରମାନେ ପାଣିକବିଙ୍କ ଗୀତିନାଟ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତ ।

ଏହି ଅନୁଷ୍ଠାନ ସହିତ ସଂପୃକ୍ତ କଳାକାରମାନଙ୍କର ଜୀବନ୍ତ ଅଭିନୟ ଅନୁଷ୍ଠାନକୁ ଗଣାଦୃତ କରି ରଖିଚି । ୧୯୬୬ ମସିହାକୁ ଫେରୁଛି । ଆକାଶବାଣୀ କଟକ କେନ୍ଦ୍ରର ମଉସା ଭାବରେ ପରିଚିତ କୃଷ୍ଣଚନ୍ଦ୍ର ପାଣ୍ଡେ, ଦୀନବନ୍ଧୁ ଦାସ (ଟିମା), ସ୍ୱରୂପ ନାୟକ, ବିଜୟ ଚକ୍ରବର୍ତ୍ତୀ, ଦୟାନ ମହମ୍ମଦ, ବୃହନ୍ନଳା ଭୂମିକାରେ ଆଜିର ନାଟ୍ୟକାର ତଥା ବିଶିଷ୍ଟ ପ୍ରବଚକ ଶ୍ରୀ ବୈଷ୍ଣବ ଚରଣ ସାହୁ, ବଟକୃଷ୍ଣ ବେହେରା, ନାରାୟର ସିଂହ ପ୍ରମୁଖ କଳାକାରମାନଙ୍କ ସେଦିନର ପରିବେଷିତ ଗୀତିନାଟ୍ୟ ଥିଲା ଗଣକବି ବୈଷ୍ଣବ ପାଣିଙ୍କ ବିରଚିତ "ବିରାଟ ଗୋଧନ ହରଣ" । ଯାହାକି ସକଳ ଶ୍ରେଣୀର ଦର୍ଶକଙ୍କ ଜନମନ ହରଣ ଯଥାର୍ଥରେ କରିପାରିଥିଲା ।

ଅବଲୀଳା କ୍ରମେ ନିକଟରେ ଗତ ତା. ୫.୧୧.୨୦୧୩ରୁ ତା.୧୨.୧୧.୧୩ ପର୍ଯ୍ୟନ୍ତ ଏହି ସ୍ୱନାମଧନ୍ୟ ସାଂସ୍କୃତିକ ଅନୁଷ୍ଠାନ "ସଂସ୍କୃତି ବିହାର", କଟକ ସାଥିରେ ଆସାମ ଯିବାର ସୁଯୋଗ ମତେ ମିଳିଥିଲା । ଆସାମ ରାଜ୍ୟ ସଂସ୍କୃତି ବିଭାଗ, ବିଶେଷ ଭାବେ ଓଡ଼ିଶାର ଯୋଗ୍ୟତମ ସନ୍ତାନ ତଥା ସଂପ୍ରତି ଆସାମର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଏହି ଗୀତିନାଟ୍ୟ ପରିବେଷଣର ଆୟୋଜନ କରିଥିଲେ ଗୌହାଟୀରେ ଏକ ଦୁଇ ଦିନବ୍ୟାପୀ "ଓଡ଼ିଆ ଗୀତିନାଟ୍ୟ ଉତ୍ସବ" ମାଧ୍ୟମରେ ।

ଯେଉଁଦିନ ଗୌହାଟୀସ୍ଥିତ ରବୀନ୍ଦ୍ର ଭବନରେ ଗଣକବି ବୈଷ୍ଣବ ପାଣିଙ୍କ ବିରଚିତ ଗୀତିନାଟ୍ୟ 'କର୍ଣ୍ଣବଧ' ପରିବେଷିତ ହେଲା ମହାମହିମ ରାଜ୍ୟପାଳ ଓ ତାଙ୍କ ସହଧର୍ମିଣୀ ସୁସାହିତ୍ୟିକା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଗୀତିନାଟ୍ୟର ଅଭିନୟ ଦେଖି ଆନନ୍ଦରେ ବିଭୋରିତ ହୋଇ ପଡ଼ିଲେ । ପାଣି ସଂଗୀତ ଓ ସଂଳାପର ତାଳେ ତାଳେ ସତେ ଯେମିତି ସେମାନେ ଛନ୍ଦି ହୋଇ ଯାଉଥିଲେ, ବନ୍ଦୀ ହୋଇଯାଉଥିଲେ । ରାଜ୍ୟପାଳ ମହୋଦୟ ମଧ ଅଭିନୟ ଦେଖି ସଂସ୍କୃତି ବିହାରକୁ ବାହାବା ଦେଇ ଚମତ୍କାର ପରିବେଷଣ ହେଲା ବୋଲି ମନ୍ତବ୍ୟ ଦେଲେ । ଏଇତ ସଂସ୍କୃତି ବିହାର, କଟକ ଅନୁଷ୍ଠାନ ପାଇଁ ଶ୍ରେଷ୍ଠ ସ୍ୱୀକୃତି, ସାଫଲ୍ୟପତ୍ର ଓ ଜୟମାଲ୍ୟ । ମହାମହିମ ରାଜ୍ୟପାଳଙ୍କ ପାଖରେ ମୁଁ ଓ ମୋର ବନ୍ଧୁ ଡକ୍ଟର ଗୋବିନ୍ଦ ଭୂୟାଁ ମଧ ବସି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟର ରସ ଓ କଳାକାରମାନଙ୍କ ଅଭିନୟ ଦେଖି ବିମୁଗଧ ହୋଇ ପଡ଼ିଥିଲୁ । ମନ୍ତବ୍ୟ ଦେଇ ସେଦିନ କହିଥିଲି – 'ବ'ରେ ବୈଷ୍ଣବ ପାଣି, 'ବ'ରେ ବିରୂପା, 'ବ'ରେ ବ୍ରହ୍ମପୁତ୍ର । ବିରୂପାକୂଳିଆ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ ବ୍ରହ୍ମପୁତ୍ର ନଦୀକୂଳ ଗୌହାଟୀରେ ପହଞ୍ଚାଇ ପାରିଥିବା 'ବଲ୍ଲଭ' ଅର୍ଥାତ୍

ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ 'ବ' ନାମଧାରୀ ବିଶ୍ୱେଶ୍ୱର ବଧାଇ ଦେଇ ନମସ୍କାର କରୁଛି । ଜାନକୀ ବାବୁ, ମୋ ମନ୍ତବ୍ୟ ଶୁଣି ଖୁସି ହୋଇଯାଇଥିଲେ ।

ମହାମହିମ ରାଜ୍ୟପାଳଙ୍କ ବାସଭବନରେ 'ଶ୍ରୀମତୀ ସମାର୍ଜନୀ' ଗୀତିନାଟ୍ୟ ସଂସ୍କୃତି ବିହାର, କଟକର କଳାକାରମାନେ ମଧ୍ୟ ଅତି ନିଖୁଣ ଭାବେ ପରିବେଷଣ କରି ବେଶ୍ ପ୍ରଶଂସିତ ହୋଇଥିଲେ । ଅଭିନୟରେ କଳାକାରମାନେ ଏକୁ ଆରେକ ବଳି । ଏ ସମସ୍ତ ଗୀତିନାଟ୍ୟକୁ ଶ୍ରୀ ନାରାୟଣ ସିଂହଙ୍କ ବଳିଷ୍ଠ ନିର୍ଦ୍ଦେଶନା ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି । ଅନୁଷ୍ଠାନର ମୁଖ୍ୟ ଭାବେ ଶ୍ରୀଯୁକ୍ତ ନିର୍ମଳକାନ୍ତି ସେନ୍, ଶ୍ରୀଯୁକ୍ତ ସରୋଜ ସିଂହ ଓ ଆଡ୍‌ଭୋକେଟ୍ ଶ୍ରୀଯୁକ୍ତ ବୈଷ୍ଣବ ଚରଣ ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଗଣ ଯେପରି ଦିଗ୍‌ଦର୍ଶନ ଦେଇଛନ୍ତି ତାହା କେବଳ ସଂସ୍କୃତି ବିହାର, କଟକ ପାଇଁ ନୁହେଁ ପରନ୍ତୁ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ ଉଚ୍ଚତମ ସୋପାନରେ ପହଞ୍ଚାଇ ପାରିଛି । ଅନୁଷ୍ଠାନ ଓ ଏହାର ସମସ୍ତ କୁଶଳୀ କଳାକାର 'ଗୋଟିଏ ପକ୍ଷୀର ପର' ଭଳି ପ୍ରତୀୟମାନ ହୁଅନ୍ତି । ଏହି ଅନୁଷ୍ଠାନ କାଳଜୟୀ ହେଉ - ଏହା ହିଁ ମୋର ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ସଂସ୍କୃତି ବିହାର, କଟକ, ଆମ ସଂସ୍କୃତିର ପରିପୁଷ୍ଟି ତଥା ବିକାଶ ସାଧନ ଦିଗରେ ଏଇମିତି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରି ସମସ୍ତଙ୍କ ପାଇଁ ଉଦାହରଣ ପାଲଟୁଥାଉ, ଏବଂ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟକୁ ବଞ୍ଚାଇ ରଖିବାରେ ବାଲିଯାତ୍ରା ଉତ୍ସବରେ ଗୀତିନାଟ୍ୟ ପରିବେଷଣ କରୁଥାଉ - ଏତିକି ମୋର ନୀଳାଦ୍ରୀବିହାରୀଙ୍କ ନିକଟରେ ଏକାନ୍ତ ମିନତି । ଅନୁଷ୍ଠାନର ଚଲାପଥ କୁସୁମିତ ହେଉ । ଜୟ କଳା - ଜୟ ଜଗନ୍ନାଥ ।

*ସଂପାଦକ, ଗଣକବି ବୈଷ୍ଣବ ପାଣି ସାରସ୍ୱତ ସମ୍ମାର*

*ଜିଲ୍ଲା ସଂସ୍କୃତି ପରିଷଦ, କଟକ, ମୋ - ୯୭୭୭୨୩୪୫୩୬*